## ସଂକ୍ଷେପରେ

### ଖୁଣ୍ଟକୁ ଧକ୍କା ଦେଲା କାର, ଚାଳକ ମୃତ

ଛତ୍ରପୁର,୬।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଚମାଖଣ୍ଡି ଥାନା ଟାଟା ଷ୍ଟିଲ ପ୍ଲାଣ୍ଟ ନିକଟ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖୁଣ୍ଟକୁ ସୋମବାର ଏକ କାର ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥପୁର ଗାଁର ଜି. ନାଗେଶ୍ୱର ରେଡ୍ଡୀ। ଭୋର ସମୟରେ ନାଗେଶ୍ୱର ନିଜର କାର ଭଡା ଧରି ଭୁବନେଶ୍ୱରକୁ ଯାଇ ଫେରୁଥିବା ବେଳେ ଟାଟା ଷ୍ଟିଲ ଛକ ନିକଟ ରାଜପଥ ପାର୍ଶ୍ୱ ଖୁଣ୍ଟକୁ ଗାଡ଼ିଟି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କାର ଚାଳକଙ୍କ ମୃତ୍ୟୁ ଘଟିଥିଲା। ଚମାଖଣ୍ଡି ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡ଼ିକାଲକୁ ପଠାଇଥିଲା। ଏନେଇ ନଂ.୧୮୨/ ୨୪ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ପରିତ୍ୟକ୍ତ କୂଅରେ ପଡ଼ିଥିବା ଗୋରୁ ଉଦ୍ଧାର

ଖଇରିପଡ଼ା, ୬।୫(ବିଦୁର ବେହେରା)

ଖଇରିପଡ଼ା ବ୍ଲକ ଅନ୍ତର୍ଗତ ଝଗଡ଼ ପଟା ମଝି ସାହିଠାରେ ଥିବା ଏକ ପରିତ୍ୟକ୍ତ କୂଅରେ ଗୋରୁ ଚରିବା ସମୟରେ ଖସି ପଡ଼ିଥିଲା। ଏହା ଦେଖି ଅଞ୍ଚଳବାସୀ ଅଗ୍ନିଶମ ବାହିନୀକୁ ଖବର ଦେବାରୁ ୯ଟାରେ ଅଗ୍ନିଶମ ବାହିନୀ ପହଞ୍ଚି କୂଅରେ ପଡିଥିବା ଗୋରୁକୁ ଉଦ୍ଧାର କରିଛି।

### ରକ୍ତପଟା ଗାଁରୁ ପୁରୀ ଗଲା ରଥକାଠ

ଶେରଗଡ,୬।୫ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ କରଡାକଣା ପଞ୍ଚାୟତର ରକ୍ତପଟା ଗ୍ରାମରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପୁରୀକୁ କାଠ ପଠାଯାଇଛି। ସୋମବାର ପୂଜାର୍ଚ୍ଚନା ପରେ ଚିହ୍ନଟ ଗଛକୁ କଟାଯାଇ ପୁରୀରୁ ଆସିଥିବା ଏକ ଟ୍ରକରେ ପଠାଯାଇଛି। ପ୍ରାୟ ୪୭୦ ସିଏଫଟି କାଠକୁ ଗାଡିରେ ଗଲାବେଳେ ରକ୍ତପଟା ଗ୍ରାମରେ ବିଭିନ୍ନ ବାଦ୍ୟ ଓ ଭଜନ କୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗାଡି କରଡାକଣା ବରମୁଣ୍ଡଳୀ ଓ ଶେରଗଡ ଚାରିଛକ ଦେଇ ପୁରୀ ଅଭିମୁଖେ ଯାଇଛି। କାଠ ଯିବା ସମୟରେ ଆସିକା ଫରେଷ୍ଟ ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଷଢଙ୍ଗୀପଲ୍ଲୀ ଫରେଷ୍ଟର ପି ସୂରଜ କୁମାର , କରଡାକଣା ଫରେଷ୍ଟର ରାଜେନ୍ଦ୍ର ରାଉତ ସମେତ ବନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### କାଳବୈଶାଖୀ: ବର୍ଷା, ପବନ ସହ କୁଆପଥର ମାଡ଼

ଆସିକା,୬।୫(ସୁରେନ୍ଦ୍ର ନାଥ ସାହୁ)

ଆସିକାରେ ସୋମବାର ମଧ୍ୟାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ, ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା । ଏହା ପ୍ରାୟ ୧ଘଣ୍ଟା ଧରି ଲାଗି ରହିଥିଲା। ଏହି ବର୍ଷା ଓ କୁଆପଥର ଯୋଗୁ ଅଞ୍ଚଳରେ ଏକ ପ୍ରକାର ଥଣ୍ଡା ଅନୁଭୂତ ହୋଇଥିଲା ବେଳେ ଦୀର୍ଘଦିନ ଧରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଉବୁଟୁବୁ ହେଉଥିବା ଅଞ୍ଚଳବାସୀଙ୍କ ଲାଗି ଏହି ଆଶ୍ୱସ୍ତିଭାବ ସୃଷ୍ଟି ହୋଇଛି। ତେବେ ଏହାରି ପ୍ରଭାବରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ଯୋଗାଣରେ ଅଚଳାବସ୍ଥା ମଧ୍ୟ ସୃଷ୍ଟି ହୋଇଥିଲା।

### ଟ୍ରାନ୍ସପୋର୍ଟ କମ୍ପାନୀ କର୍ମଚାରୀଙ୍କଠାରୁ ଲୁଟ୍

କେନ୍ଦୁଝର,୬।୫(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଜାମୁଡ଼ିହା ନିକଟରେ ସୋମବାର ଏକ ଘରୋଇ ଟ୍ରାନ୍ସପୋର୍ଟ କମ୍ପାନୀର ୨ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତ କର୍ମଚାରୀଙ୍କ ନିକଟରେ ଥିବା ୧୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନେଇ ଚମ୍ପଟ ମାରିଥିବା କର୍ମଚାରୀ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କମ୍ପାନୀର ନନ୍ଦୁ ସାହୁଙ୍କ ସମେତ ଅନ୍ୟ ଜଣେ ବାଇକରେ ଏକ ବ୍ୟାଗରେ ୧୩ ଲକ୍ଷ ୮୨ ହଜାର ଟଙ୍କା ଧରି ଚାଲାଣ ପେମେଣ୍ଟ କରିବାକୁ ସୁଆକାଟି ଯାଇଥିଲେ। ୨ ଜଣ ହେଲମେଟ୍ ପିନ୍ଧି ଓ ମୁହଁରେ ରୁମାଲ ବାନ୍ଧି ତାଙ୍କୁ ପିଛା କରି ଏନ୍ଏଚ୍ ୪୯ ଜାମୁଡ଼ିହା ନିକଟରେ ବନ୍ଧୁକ ଦେଖାଇ ଟଙ୍କା ଭର୍ତ୍ତି ବ୍ୟାଗ ନେଇ କେନ୍ଦୁଝର ଆଡ଼େ ପଳାଇଥିଲେ। କର୍ମଚାରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।





ନବରଙ୍ଗପୁର ଜିଲା ସଦର ବ୍ଲକ ଚିକିଲି ଗାଁ ଛକ ପଡ଼ିଆରେ ସୋମବାର ଭାଜପା ପକ୍ଷରୁ ଆୟୋଜିତ ଜନ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ବଳଭଦ୍ର ମାଝିଙ୍କ ସହ ଆଲୋଚନା କରୁଛନ୍ତି। ଜନସମାବେଶରେ ଉପସ୍ଥିତ ଭାଜପା ସମର୍ଥକ ମାନେ।

# ନିର୍ବାଚନ ଆଚରଣ ବିଧି ବେଳେ ଟେଣ୍ଡର ଡାକି ସାମଗ୍ରୀ କିଣା

## ଜିଲା ୱେବସାଇଟ୍ ଅପ୍‌ଲୋଡ୍ କିମ୍ବା ପେପରରେ ପ୍ରସାର ହୋଇନାହିଁ

ନବରଙ୍ଗପୁର,୬।୫ (ସଦାଶିବ ପ୍ରହରାଜ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାର୍ଚ୍ଚ ୧୬ରୁ ଆଦର୍ଶ ଆଚରଣ ବିଧି ନିୟମ ଲାଗୁ କରାଯାଇଛି। ଏହି ସମୟରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଟେଣ୍ଡର, କୋଟେସନ ଆହ୍ୱାନ କରା ଯାଇପାରିବ ନାହିଁ ବୋଲି ପୂର୍ବରୁ ନିର୍ବାଚନ କମିଶନ ସମସ୍ତ ସରକାରୀ ଅନୁଷ୍ଠାନକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉମରକୋଟ ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ଏହାକୁ ଖୋଲା ଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। କୋଟେସନ ନମ୍ବର ୫୩୩ରେ ୨୦।୦୩।୨୪ରେ ଉମରକୋଟ ଶିଳ୍ପ ତାଲିମ ଅନୁଷ୍ଠାନ ଅଧକ୍ଷ ଏକ କୋଟେଶନ ଆହ୍ୱାନ କରିଥିବା ଦେଖିବାକୁ ମିଳିଛି। ଏହି କୋଟେସନ ମାଧ୍ୟମରେ ପାନାସୋନିକ୍ କି ଫର ଭିସି ଲାଇଫ୍‌ଟାଇମ୍ ଭାଲିଡିଟ଼ିର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରାଯାଇଛି। ଏଥିରେ କୌଣସି ମୂଲ୍ୟ ଉଲ୍ଲେଖ କରାଯାଇ ନାହିଁ। କୋଟେସନ ଆହ୍ୱାନପରେ ଚଞ୍ଚକତା କରି ଏହାକୁ ନିଜ ଶିଳ୍ପ ତାଲିମ ଅନୁଷ୍ଠାନର ୱେବ ସାଇଟ www.itiumarkote.in ଛଡ଼ାଯିବା ସହ ଅନୁଷ୍ଠାନର ନୋଟିସ ବୋର୍ଡରେ ଲଗାଯାଇଥିବା ଅଭିଯୋଗ ହେଉଛି। ଉକ୍ତ କୋଟେଶନ ୫ ଏପ୍ରିଲରେ ଖୋଲା ଯାଇଥିବାବେଳେ କୌଣସି ଡିଲର ବା ଡିଲରଙ୍କ ପ୍ରତିନିଧି ଉପସ୍ଥିତ ନ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହାକୁ ଜିଲା ୱେବ ସାଇଟ nabarangpur.odisha.gov.in ରେ ମଧ୍ୟ ଛଡ଼ାଯାଇ ନ ଥିବା ଜଣାପଡ଼ିଛି। ତେଣୁ ଏହା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସହ କୋଟେଶନ ଖୋଲିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବେଆଇନ ଭାବେ କରାଯାଇଛି ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେଣୁ ଜିଲା ନିର୍ବାଚନ କମିଶନ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି ହେଉଛି। ଏନେଇ ପ୍ରିନ୍ସିପାଲ ଦୀପିକା ସରକାରଙ୍କୁ ପଚାରିବାରୁ କୋଟେଶନ ଡାକିବା ଘଟଣାକୁ ସେ ସ୍ୱୀକାର କରିଛନ୍ତି। ଏହା ତୁରନ୍ତ ଲଗାଇବା ଆବଶ୍ୟକ ଥିଲା ଏବେ ଲାଗି ସାରିଲାଣି ବୋଲି କହିଛନ୍ତି। ଡିଲର କିମ୍ବା ତାଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତିରେ କିଭଳି କୋଟେଶନ ପେପର ଖୋଲାଗଲା ବୋଲି ପଚାରିବାରୁ ଏସମ୍ପର୍କରେ କିପରି ଜାଣିଲେ ବୋଲି ପାଲଟା ପ୍ରଶ୍ନ କରିଥିଲେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ଏହା କରାଯାଇଥିବା ସେ କହିଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ନମ୍ବର ଦେଉଛି କହି କିନ୍ତୁ ଦେଇ ନ ଥିଲେ।



OFFICE OF THE PRINCIPAL
Govt. Industrial Training Institute, Umerkote

Quotation No 533 Dt 20/03/2024

From - Principal, Industrial Training Institute, Umarkote, Nabarangpur, Odisha, PIN-764073

Sealed Quotation are invited from registered firms/ supplier/dealer having valid GST/PAN Registration as per enclosed list of items towards supply of Panasonic Activation Key for Video Conference with life time validity as per our present requirement. The Quotation shall be submitted in sealed cover super-scribing "Quotation for supply of Pansonic Key for VC" and should reach the office of the Undersigned on or before dt: 05/04/2024 at 11.00 AM. The quotation will be opened in the Office of Principal ITI Umarkote on 05/04/2024 at 03 PM. The supplier/Vendors himself or their authorized representative may remain present during the opening of the quotation. Quotation received after due date and time will be not be entertained. The undersigned reserves the right to cancel the order at any time without assigning any reason.

GENERAL TERMS & CONDITIONS

1. DELIVERYOF GOODS
FOR - Principal I.T.I. Umarkote
Delivery time - Within 20 days from the P.O date
Validity of Quotation - 01 Months

2. PAYMENT TERMS:
Full 100% (hundred percent) payment of the Contract price on the ordered goods shall be made by Principal, I.T.I, Umarkote after receipt of Bills/invoices of the goods, duly stock entry by the Consignee after check, inspection, verification.

3. TAX AND DUTIES:
To be quoted inclusive of all taxes

4. DOCUMENT TO BE SUBMITTED TO THE CONSIGNEE ALONG WITH QUOTQTION BY THE SUPPLIER:
1) Goods description, unit price, leaflet / operating manual, and warranty, certificate. The make and model for the Key should be mentioned in the quotation.
2) GST latest Last year Clearance certificate.
3) Dealership Certificate if any.

Yours faithfully
Principal
Industrial Training Institute
Umarkote

Memo No 534 Dt 20/03/2024
Copy to Notice Board, ITI Umarkote for wide circulation

Principal
Industrial Training Institute
Umarkote

ଉମରକୋଟ ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ବାହାରିଥିବା ଟେଣ୍ଡର ନୋଟିସ୍।

# ବିଜେଡିରେ ମିଶିଲେ ଡଙ୍ଗାବେଡାର ୫୦ ବ୍ୟକ୍ତି



ବିଜେଡିରେ ମିଶିଥିବା ନୂତନ କର୍ମୀମାନେ।

ପାପଡ଼ାହାଣ୍ଡି, ୬।୫(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ବିଜେଡି କାର୍ଯ୍ୟାଳୟରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଡାବୁଗାଁ ନିର୍ବାଚନମଣ୍ଡଳୀ ଅଧୀନ କଷାଗୁମୁଡ଼ା ବ୍ଲକ ଆଟିଗାଁ ପଞ୍ଚାୟତ ଡଙ୍ଗାବେଡା ଗ୍ରାମର ୫୦ ଜଣ ସକ୍ରିୟ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନୂତନ କର୍ମୀମାନଙ୍କୁ ଦଳୀୟ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ଆଟିଗାଁ ପଞ୍ଚାୟତ ବିଜେଡିର ସକ୍ରିୟ ସଦସ୍ୟ ତଥା ଏସ୍‌ଡିସି ସଦସ୍ୟ ଈଶ୍ୱର ପୂଜାରୀ, ଅସ୍ତୁ ସତନାମୀ ଧନୁର୍ଜୟ ପୂଜାରୀଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ କରାଯାଇଥିଲା।

# ଗଞ୍ଜେଇ ଜବତ: ୨ ଗିରଫ, ଜେଜେବି ଗଲେ ନାବାଳକ

ହିଞ୍ଜିଳିକାଟୁ, ୬।୫(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକ ଛକ ନିକଟରେ ରବିବାର ଏକ ଆଟୋରୁ (ଓଡି୩୨ବି ୯୨୩୬)ରୁ ୧୪ କେଜି ୫ ଶହ ଗ୍ରାମର ଗଞ୍ଜେଇ ପୋଲିସ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ୨ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଜଣେ ନାବାଳକଙ୍କୁ ବଳ ସୁଧାର ଗୃହକୁ ପଠାଯାଇଛି। ସେମାନେ ହେଲେ ଅଟୋ ଚାଳକ ଜଗନ୍ନାଥପ୍ରସାଦ ଗ୍ରାମର ରବୀନ୍ଦ୍ର ପ୍ରଧାନ (୨୩), ସନ୍ତୋଷ ରାଉତ (୨୪) ଓ ସୋରଡା ଥାନା କେଶରା ଗ୍ରାମର ଜଣେ ନାବାଳକ। ଗଞ୍ଜେଇ ଚୋରା ଚାଲାଣରେ ଭଞ୍ଜନଗର ଅଞ୍ଚଳର ବିଷ୍ଣୁ ପ୍ରଧାନ ଓ ବଡଗଡ ଥାନା ଗୋବରାଲୁଣ୍ଠି ଗାଁର ପ୍ରଦ୍ୟୁମ୍ନ ସାମଲଙ୍କ ନାଁରେ ମଧ୍ୟ ହିଞ୍ଜିଳି ଥାନାରେ ନଂ . ୪୪୪/୨୪ରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ , ରବିବାର ଖବର ପାଇ ହିଞ୍ଜିଳିକାଟୁ ବିଜୁ ପଟ୍ଟନାୟକଙ୍କ ଛକରେ ପୋଲିସ ଦ୍ରୁତ ଗତିରେ ଯାଉଥିବା ଅଟୋକୁ ଅଟକାଇ ଯାଞ୍ଚ କରିଥିଲା। ଏକ ପଲିଥିନରେ ଗଞ୍ଜେଇ ଚାଲାଣ ହେଉଥିବା ଜାଣି ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେଗୁଡ଼ିକ ଯାଞ୍ଚ କରାଯାଇ ଗଞ୍ଜେଇ ଜବତ କରାଯାଇଛି। ଚୋରାଚାଲାଣ କରୁଥିବା ୨ ଗଞ୍ଜେଇ ବେପାରୀ ଜଗନ୍ନାଥପ୍ରସାଦ ଅଞ୍ଚଳରୁ କେରଳକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ପୋଲିସ କହିଛି। ଅନ୍ୟପକ୍ଷରେ ହିଞ୍ଜିଳିକାଟୁର ବିଭିନ୍ନ ଚା, ପାନ ଦୋକାନରେ ଗଞ୍ଜେଇ କାରବାର ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ଏଗୁଡିକ ଉପରେ ଚଢ଼ାଉ କରି ଅଞ୍ଚଳରେ ଚୋରା କାରବାରରେ ଲିପ୍ତ ଥିବା ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

# ବଜ୍ରପାତରେ ୨୨ ଛେଳି ମୃତ

## ଭଞ୍ଜନଗରରେ ଝଡ଼ ତୋଫାନ ସହ ବର୍ଷା, ବିଦ୍ୟୁତ୍ ସେବା ବ୍ୟାହତ

ଭଞ୍ଜନଗର, ୬।୫(ବାବୁଲା ପ୍ରଧାନ)

ସୋରଡ଼ା ଅଞ୍ଚଳରେ ସୋମବାର ବର୍ଷା ପବନ ସହ ବଜ୍ରପାତ ହେବାରୁ ଗୋପାଳପୁର ଶାସନ ପଞ୍ଚାୟତ ରତ୍ନପୁର ଗ୍ରାମରେ ୨୨ଟି ଛେଳି ଏବଂ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ବିପ୍ର ଗୌଡ଼, ନିରଞ୍ଜନ ଗୌଡ଼, ସୁରେନ୍ଦ୍ର ଗୌଡ଼, ନରେନ୍ଦ୍ର ଗୌଡ଼, ବାବୁଲା ଗୌଡ଼, ଜାନକୀ ପଟ୍ଟନାୟକ, ଦୁର୍ଯ୍ୟୋଧନ ଗୌଡ଼ ଛେଳି ଚରାଇବାକୁ ଯାଇଥିଲେ। ଏହି ସମୟରେ ବର୍ଷା ହେବାରୁ ଛେଳିଗୁଡ଼ିକ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ଏତିକି ବେଳେ ବଜ୍ରପାତ ହେବାରୁ ଛେଳିଗୁଡିକ ମୃତ୍ୟୁବରଣ କରିଥିଲେ। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ସେହିପରି ଭଞ୍ଜନଗର ଅଞ୍ଚଳରେ ପ୍ରବଳ ଝଡ ତୋଫାନ ସହ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଅଞ୍ଚଳର ବିଭିନ୍ନ ରାସ୍ତାରେ ଗଛ ଭାଙ୍ଗି ପଡ଼ିଯିବାରୁ ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା। ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ଭଞ୍ଜନଗର ସହରରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବିଳମ୍ବରେ ସ୍ୱାଭାବିକ ହୋଇଥିଲା।



ମୃତ୍ୟୁବରଣ କରିଥିବା ଛେଳି।

# ଦେଶୀ ମଦ ଚୋରାଚାଲାଣ ବେଳେ ଯୁବକ ଗିରଫ

ଜୟପୁର, ୬।୫(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ପୋଲିସ ସୋମବାର ଚଢାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ବଙ୍ଗଳାବାଡର ଗୌରାଙ୍ଗ ନାୟକ (୨୭)। ଦେଶୀ ମଦ ଚାଲାଣ ସମ୍ପର୍କରେ ସୂଚନା ପାଇ ଅବକାରୀ କର୍ମଚାରୀ ବଙ୍ଗଳାବାଡ ରାସ୍ତାରେ ଚଢାଉ କରିଥିଲେ। ତାଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ପରେ ଗୌରାଙ୍ଗଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ କହିଛନ୍ତି ।

# ଜଙ୍ଗଲକୁ ଯାଇଥିବାବେଳେ ଗୁଳିବାଜି ଯୁବକ ଗୁରୁତର

ରାଇଘର, ୬।୫(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସୀମାନ୍ତ ହାତୀଗାଁ ପଞ୍ଚାୟତ ଲାପିବେଡ଼ା ଗ୍ରାମର ଜଣେ ଯୁବକ ରବିବାର ରାତିରେ ତାଙ୍କ ସାଙ୍ଗଙ୍କ ସହ ଜଙ୍ଗଲକୁ ଯାଇଥିବା ବେଳେ ତାଙ୍କ ଦେହରେ ଗୁଳି ବାଜି ଗୁରୁତର ହୋଇଛନ୍ତି। ସେ ହେଲେ ଶ୍ରବଣ ଗଣ୍ଡ (୨୪)। ତାଙ୍କୁ ସିଆର୍‌ପିଏଫ୍ ଯବାନମାମନେ ଉଦ୍ଧାର କରି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

ସିଆର୍‌ପିଏଫ୍ ଯବାନଙ୍କ ଗୁଳିରେ ଶ୍ରବଣ ଆହତ ହୋଇଥିବା ବେଳେ ତାଙ୍କ ସାଙ୍ଗରେ ଯାଇଥିବା ବିଦ ଗଣ୍ଡ, ରାମସାୟ ଗଣ୍ଡ ଓ ବୁଲୁ ଗଣ୍ଡଙ୍କୁ ସେମାନେ ଅଟକ ରଖିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜଙ୍ଗଲରେ ଘରକରି ରହିଥିବା ରାଇସିଂ ଗଣ୍ଡ, ମହେନ୍ଦ୍ର ଗଣ୍ଡ ଓ ଦେବେନ୍ଦ୍ର ଗଣ୍ଡଙ୍କୁ ସୋମବାର ସକାଳେ କେତେଜଣ ସିଆର୍‌ପିଏଫ୍ ଯବାନ ମାଓବାଦୀଙ୍କୁ ଖାଇବାକୁ ଦେଉଛ ବୋଲି କହିବା ସହ ମାଡ଼ ମାରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏଥିସହ ତାଙ୍କ ପାଖରେ ଥିବା ମୋବାଇଲ ଫୋନ ନେଇ ଯାଇଥିବା ମହେନ୍ଦ୍ର ଅଭିଯୋଗ କରିଛନ୍ତି। ଏ ନେଇ ରାଇଘର ଥାନା ଏଏସ୍‌ଆଇ ମନୋରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି।

ସୂଚନାନୁଯାୟୀ, ରବିବାର ରାତିରେ ଗରମ ହେବାରୁ ଶ୍ରବଣ ଏବଂ ତାଙ୍କ ସାଙ୍ଗ ବିଦୁ ଗଣ୍ଡ, ରାମସାୟ ଗଣ୍ଡ ଓ ବୁଲୁ ଗଣ୍ଡଙ୍କ ସହ ନିକଟସ୍ଥ ସିଜନଗଡ଼ ଜଙ୍ଗଲକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୯ ଟାରେ ହଠାତ୍ ଏକ ବାଣ ଫୁଟିବା ଭଳି ଶବ୍ଦ ଶୁଣାଯାଇଥିଲା। ଶବ୍ଦ ଶୁଣାଯାଇଥିଲେ ମଧ୍ୟ ଗ୍ରାମବାସୀ ଭୟରେ ଜଙ୍ଗଲକୁ ଯାଇ ନ ଥିଲେ। ରାତିରେ ଶ୍ରବଣ ଓ ତାଙ୍କ ସାଙ୍ଗମାନେ ନ ଫେରିବାରୁ ସକାଳୁ ପରିବାର ଓ ଗ୍ରାମବାସୀ ଜଙ୍ଗଲରେ ଖୋଜାଖୋଜି କରିଥିଲେ। କିନ୍ତୁ ସେଠାରେ କାହାକୁ ପାଇ ନ ଥିଲେ। ଖବରରୁ ଜାଣିବାକୁ ପାଇଲେ ଯେ, ରାତିରେ ଜଙ୍ଗଲରେ ଏମାନେ ଥିବା ବେଳେ ଶ୍ରବଣଙ୍କ ଦେହରେ ଗୁଳି ବାଜିଥିଲା। ସିଆର୍‌ପିଏଫ୍ ଯବାନମାନେ ତାଙ୍କୁ ସୋମବାର ସକାଳୁ ଉଦ୍ଧାର କରି ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

# ଫେଲ୍ ମାରିଛି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ

## ଲୋକଙ୍କ ଆବଶ୍ୟକତା ଅନୁଯାୟୀ ମିଳୁନି ପିଇବା ପାଣି

ଡାବୁଗାଁ, ୬।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ପଞ୍ଚାୟତର ଚିକିଲି ଗ୍ରାମରେ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଚିକିଲି ଗ୍ରାମରେ 'ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ' କରାଯାଇଛି। ଚିକିଲି, ଚେରଚେଟିଆଗୁଡା, ଭୀମାଗୁଡା ଗ୍ରାମବାସୀଙ୍କୁ ସୁବିଧାରେ ପାନୀୟ ଜଳ ଯୋଗାଇବାକୁ ଉକ୍ତ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ପ୍ରକଳ୍ପରେ ୪୦ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ହୋଇଛି କିନ୍ତୁ ଲୋକେ ଶୁଦ୍ଧ ପାନୀୟ ଜଳ ପାଉନାହାନ୍ତି। ଉକ୍ତ ପ୍ରକଳ୍ପ କାହା ସ୍ୱାର୍ଥରେ ତିଆରି କରାଯାଇଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

ଉକ୍ତ ପ୍ରକଳ୍ପରୁ ଚିକିଲି, ଚେରଚେଟିଆଗୁଡ଼ା ଗ୍ରାମବାସୀ ସାମାନ୍ୟ ଉପକୃତ ହେଉଛନ୍ତି। ସେମାନଙ୍କୁ ଅଳ୍ପ ପାଣି ମିଳୁଛି। ଯାହାକି ଲୋକଙ୍କ ଆବଶ୍ୟକତାଠାରୁ ଢେର୍ କମ୍। କିନ୍ତୁ ଭୀମାଗୁଡ଼ାକୁ ପାଣି ଟୋପାଏ ମିଳୁନାହିଁ। ଗ୍ରାମବାସୀ ବାରମ୍ବାର ଗୁହାରୀ କଲେବି କୌଣସି ସୁଫଳ ମିଳିପାରି ନାହିଁ।



ଚିକିଲି ଗ୍ରାମବାସୀ ପାନୀୟ ଜଳ ଯୋଗାଣ ସମ୍ପର୍କରେ ଅଭିଯୋଗ କରୁଛନ୍ତି।

ଗ୍ରୀଷ୍ମ ପ୍ରବାହ ଅତ୍ୟଧିକ ହେଉଥିବାବେଳେ ପାନୀୟ ଜଳ ଉତ୍କଟ ଅଭାବ ଜନସାଧାରଣଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି। ଡାବୁଗାଁ ଜଳ ଓ ପରିମଳ ବିଭାଗର କାର୍ଯ୍ୟକାରିତା ଉପରେ ଲୋକେ ପ୍ରଶ୍ନ ଉଠାଇଛନ୍ତି। ବାରମ୍ବାର ଦୁଃଖ ଜଣାଇଲେ ମଧ୍ୟ ଅଧିକାରୀ ସମାଧାନ ଦିଗରେ ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ କରୁ ନ ଥିବା ଅଧିକାରୀଙ୍କୁ ଏଠାରୁ ସ୍ଥାନାନ୍ତର କରିବା ସହ ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମର ତୁଳାରାମ ପୂଜାରୀ, ପଦମୁ ଭତ୍ରା, ଗନାଇ ମାଝି, ଲଖମୁ ଭତ୍ରା, ବୈଶାଖର ଭତ୍ରା, ସୁନ୍ଦର ମାଝି, ଅଲେଖ ମାଝି, ୩ ନଂ.ୱାର୍ଡ ସଭ୍ୟ ଚିତ୍ରସେନ ଗୌଡ଼, ବୁଦ୍ଧୁ ପୂଜାରୀ, ଶୁକ୍ରୁ ଭତ୍ରା, ଶୁକ୍ରୁ ଗୌଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଜାଣିବାକୁ ଡାବୁଗାଁ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମସୁନ୍ଦର ବେସ୍ରାଙ୍କୁ ତାଙ୍କ ଟେଲିଫୋନ ନଂ ୭୦୦୮୦୬୮୪୯୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇ ନ ଥିଲେ।

# ପୋଷ୍ଟାଲ ବାଲଟରେ ମତଦାନ କଲେ ୩୫୨୨ ସରକାରୀ କର୍ମଚାରୀ





ରାୟଗଡ଼ା ନିର୍ବାଚନମଣ୍ଡଳୀରେ କେତେଜଣ ଭୋଟର ପୋଷ୍ଟାଲ ବାଲଟରେ ମତଦାନ କରି ବାଲଟ ବାକ୍ସରେ ପକାଉଛନ୍ତି। ବିଷମକଟକ ନିର୍ବାଚନମଣ୍ଡଳୀ ପାଇଁ ମହିଳା ମହାବିଦ୍ୟାଳୟରେ ଥିବା ମତଦାନ କେନ୍ଦ୍ରରେ ସରକାରୀ କର୍ମଚାରୀ ଭୋଟ ଦେଉଛନ୍ତି।

ରାୟଗଡ଼ା,୬।୫(ଆଶିଷ ରଞ୍ଜନ ପଣ୍ଡା)

୨୦୨୪ ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରେ କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅଧୀନ ୭ଟି ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ତେବେ ନିର୍ବାଚନ ଦାୟିତ୍ୱରେ ରହିଥିବା ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହୁଥିବା କାରଣରୁ ସେମାନଙ୍କ ପାଇଁ ପୂର୍ବରୁ ମତଦାନ ବ୍ୟବସ୍ଥା କରିଛନ୍ତି ନିର୍ବାଚନ ଆୟୋଗ। ପୋଷ୍ଟାଲ ବାଲଟ ମାଧ୍ୟମରେ ସମସ୍ତ କର୍ମଚାରୀ ନିଜର ମତଦାନ ସାବ୍ୟସ୍ତ କରିପାରିବେ। ତେଣୁ ଏଥିପାଇଁ ମେ ୨ରୁ ୬ ତାରିଖ ପର୍ଯ୍ୟନ୍ତ ୪ ଦିନ ମତଦାନର ବ୍ୟବସ୍ଥା କରାଯାଇଥିଲା। ରାୟଗଡ଼ା ସଦର ମହକୁମାସ୍ଥିତ ମହିଳା ମହାବିଦ୍ୟାଳୟରେ ପୃଥକ୍ ଭାବେ ୩ଟି ମତଦାନ କେନ୍ଦ୍ରରେ ୩ ନିର୍ବାଚନମଣ୍ଡଳୀ ବିଷମକଟକ, ଗୁଣପୁର ଓ ରାୟଗଡ଼ାର ୩୫୨୨ ଜଣ ସରକାରୀ କର୍ମଚାରୀ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ କରିଛନ୍ତି। ବିଷମକଟକର ୮୦୫, ଗୁଣପୁରର ୧୩୫୦ଜଣ ଓ ରାୟଗଡ଼ାର ୧୩୬୭ଜଣ ନିଜର ମତଦାନ ସାବ୍ୟସ୍ତ କରିଥିବା ଜଣାପଡ଼ିଛି । ସେହିଭଳି ୩ ନିର୍ବାଚନମଣ୍ଡଳୀର ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ମଧ୍ୟ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ ବ୍ୟବସ୍ଥା କରାଯାଇଛି। ସୋମବାର ଓ ମଙ୍ଗଳବାର ଦିନ ସେମାନେ ମତଦାନ କରିପାରିବେ ।

# କଂଗ୍ରେସରୁ ଇସ୍ତଫା ପରେ ବହିଷ୍କାର ହେଲେ ୨ ଆଶାୟୀ ପ୍ରାର୍ଥୀ

ଗୁଣପୁର,୬।୫(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ଯୁବ ନେତା ତଥା ଦୁଇ ଆଶାୟୀ ପ୍ରାର୍ଥୀ ଭାସ୍କର ଜାଗରଙ୍ଗା ଏବଂ ଅଭିନାଶ ଗମାଙ୍ଗ କଂଗ୍ରେସରୁ ୬ ବର୍ଷ ପାଇଁ ବହିଷ୍କାର ହୋଇଛନ୍ତି । ଦଳ ବିରୋଧୀ କାର୍ଯ୍ୟ ପାଇଁ ସେମାନଙ୍କୁ ପିସିସି ସଭାପତି ଦଳରୁ ବହିଷ୍କାର କରିଛନ୍ତି । ଉଲ୍ଲେଖ ଯୋଗ୍ୟ, ଉଭୟ କଂଗ୍ରେସ ଟିକେଟ ପାଇଁ ଆଶାୟୀ ଥିଲେ । ହେଲେ ଦୁହିଁଙ୍କୁ ଦଳ ଟିକେଟ ପ୍ରଦାନ ନ କରି ସତ୍ୟଜିତ ଗମାଙ୍ଗଙ୍କୁ ପ୍ରାର୍ଥୀ କରିଥିଲା । ଏହାକୁ ବିରୋଧ କରି ଅଭିନାଶ ଏଂ ଭାସ୍କର ଦଳରୁ ଇସ୍ତଫା ଦେଇଥିଲେ । ଇସ୍ତଫା ଦେବା ପରେ ବହିଷ୍କାର ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଭାସ୍କର ଜାଗରଙ୍ଗା ସ୍ୱାଧୀନ ଭାବେ ଗୁଣପୁର ବିଧାୟକ ପ୍ରାର୍ଥୀ ଏବଂ ଅଭିନାଶ ଗମାଙ୍ଗ କୋରାପୁଟ ଲୋକ ସଭା ପାଇଁ ଏମ୍‌ପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

# ସମ୍ବଲପୁର–କାଚେଗୁଡ଼ା ଗ୍ରୀଷ୍ମ ସ୍ୱତନ୍ତ୍ର ଟ୍ରେନ୍ ମୁନିଗୁଡ଼ାରେ ରହଣିକୁ ସ୍ୱାଗତ

ରାୟଗଡ଼ା,୬।୫(ନନ୍ଦ କିଶୋର ପଟ୍ଟନାୟକ)

ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହରେ ରେଳ ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ ପୂର୍ବତଟ ରେଲୱେ ତରଫରୁ ସମ୍ବଲପୁର–କାଚେଗୁଡ଼ା ଗ୍ରୀଷ୍ମ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନେଇ ଘୋଷଣା କରାଯାଇଛି । ଏ ନେଇ ସମ୍ବଲପୁର–କାଚେଗୁଡ଼ା ଷ୍ଟେଶନ ମଧ୍ୟରେ ଦୁଭାଡ଼ା ଦେଇ ୭ଟି ଯାତ୍ରା ପାଇଁ ଏବେ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ପୂର୍ବତଟ ରେଲୱେ ୱାଲଟିୟର ଡିଭିଜନର ବରିଷ୍ଠ ବିଭାଗୀୟ ବାଣିଜ୍ୟ ପରିଚାଳକ କେ.ସନ୍ଦୀପ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ଗ୍ରୀଷ୍ମ ସ୍ୱତନ୍ତ୍ର ଟ୍ରେନ ସମ୍ବଲପୁର–କାଚେଗୁଡ଼ା (୦୮୩୨୩) ଚଳିତ ମାସ ୧୩ରୁ ଆସନ୍ତା ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳ ଷ୍ଟେସନରୁ ରାତି ୯ଟାରେ ଛାଡ଼ି ପରଦିନ ମୁନିଗୁଡା ଷ୍ଟେଶନରେ ଭୋର ସାଢ଼େ ୨ ଟାରେ ପହଞ୍ଚିବ। ପରେ ମୁନିଗୁଡାରୁ ରାୟଗଡ଼ା, ପାର୍ବତୀପୁରମ, ବୋବିଲି, ବିଜୟନଗରମ, ଦୁଭାଡ଼ା ଦେଇ କାଚେଗୁଡ଼ା ରେଳ ଷ୍ଟେଶନରେ ରାତି ୯ଟା ୫୦ରେ ପହଞ୍ଚିବ। ସେହିପରି ନିଜ ପ୍ରତ୍ୟାବର୍ତ୍ତନ ଦିଗରେ କାଚେଗୁଡ଼ା–ସମ୍ବଲପୁର ଟ୍ରେନ୍ (୦୮୩୨୪) ଚଳିତ ମାସ ୧୪ରୁ ଜୁନ୍ ୨୫ ତାରିଖ ଯାଏଁ କାଚେଗୁଡ଼ା ରେଳ ଷ୍ଟେଶନରୁ ୧୧ଟା ୨୦ ମିନିଟ ସମୟରୁ ବାହାରି ଦୁଭାଡ଼ା, ବିଜୟନଗରମ,ବୋବିଲି, ପାର୍ବତୀପୁରମ, ରାୟଗଡ଼ା ଷ୍ଟେଶନ ଦେଇ ଅପରାହ୍ନ ୫ଟା ସମୟରେ ମୁନିଗୁଡାରେ ପହଞ୍ଚିବ । ମୁନିଗୁଡ଼ାରେ ୨ ମିନିଟ ରହଣି ପରେ ସମ୍ବଲପୁର ଅଭିମୁଖେ ଯାତ୍ରା କରିବ ବୋଲି ଜଣାପଡ଼ିଛି। ଏହି ସମ୍ବଲପୁର–କାଚେଗୁଡ଼ା– ସମ୍ବଲପୁର ଗ୍ରୀଷ୍ମ ସ୍ୱତନ୍ତ୍ର ଟ୍ରେନରେ ଗୋଟିଏ ଥାର୍ଡ ଏସି– ୧, ୧୫ଟି ସ୍ଲିପର କ୍ଲାସ, ୪ଟି ଜେନେରାଲ ସେକେଣ୍ଡ କ୍ଲାସ କୋଚ ରହିଥିବା ଉଲ୍ଲେଖ କରାଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନର ସେବା ଗୁଡ଼ିକର ବ୍ୟବହାର କରିବାକୁ ଲୋକଙ୍କୁ ରେଲୱେ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଟ୍ରେନର ଘୋଷଣା ପରେ ମୁନିଗୁଡା ଅଞ୍ଚଳରେ ଲୋକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ମୁନିଗୁଡା ମର୍ଚ୍ଚେଣ୍ଟ ଆସୋସିଏଶନ, ପ୍ରେସ କ୍ଲବ,ବିକାଶ ପରିଷଦ ସହ ବିଭିନ୍ନ ଅନୁଷ୍ଠାନ ତରଫରୁ ରେଳ ବିଭାଗକୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଦୁଇଟି ଜୁଆଆଡ୍ଡାରେ ଚଢ଼ାଉ, ୯ ଗିରଫ

ମାଲକାନଗିରି,୬।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଓର୍କେଲ ଥାନା ପୋଲିସ ଦୁଇଟି ଜୁଆଆଡ୍ଡାରେ ଚଢାଉ କରି ୯ ଜଣଙ୍କୁ ଗିରଫ କରିଛି। ତଥ୍ୟ ଅନୁଯାୟୀ, ଓର୍କେଲ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଏମ୍‌ଭି ୧୦୪ ଗ୍ରାମରେ ଚଢାଉ କରିଥିଲା । ଚଢାଉରେ ୩ ଜଣଙ୍କୁ ଗିରଫ କରିବା ସହ ଦୁଇଟି ତାସ୍ ସେଟ୍ ଓ ୩୩୨୦



ଟଙ୍କା ଜବତ କରିଛି। ସେହିପରି ଏମ୍‌ଭି ୧୦୮ ଗ୍ରାମରେ ମଧ୍ୟ ଜୁଆଖେଳ ଚାଲିଥିବା ଖବର ପାଇ ପୋଲିସ ଚଢାଉକରି ୬ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦୁଇଟି ତାସ୍ ସେଟ୍ ଓ ୬୩୫୫ ଟଙ୍କା ଜବତ କରିଛି। ଏହି ଦୁଇଟି ମାମଲାରେ ୯ ଜଣଙ୍କୁ ଗିରଫ କରି ଓର୍କେଲ ଥାନାରେ ମାମଲା ରୁଜୁ କରିଥିବା ନେଇ ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ପାଣି ସମସ୍ୟା ଦୂର ନ ହେଲେ ଭୋଟ ଦେବୁନି

ରାୟଗଡ଼ା,୬।୫(ଆଶିଷ ରଞ୍ଜନ ପଣ୍ଡା)

ଗ୍ରୀଷ୍ମ ତାତି ସାଙ୍ଗକୁ ରାୟଗଡ଼ା ଜିଲାର ବିଭିନ୍ନ ଗ୍ରାମରେ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ପାଣି ଅଭାବ ଯୋଗୁ ଚାଷକରି ନ ପାରି ଦାଦନ ପାଇଁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି ଚାଷୀ। ଏହାର ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳରେ। ଏଭଳିକି ପାଣି ପଞ୍ଚାୟତ ମାଧ୍ୟମରେ ରହିଥିବା କ୍ଷୁଦ୍ର ଜଳସେଚନ ଯୋଜନାରେ ହୋଇଥିବା କେନାଲରେ ପାଣି ନ ଥିବା ଯୋଗୁ ରବିଋତୁରେ ଚାଷ କରିପାରୁନାହାନ୍ତି ଚାଷୀ। ଫଳରେ ପରିବାର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ଦାଦନ ଖଟିବାକୁ ଗାଁ ଛାଡ଼ି ସୁଦୂର ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ କେରଳକୁ ଯାଉଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ପ୍ରଶାସନ ପକ୍ଷରୁ ଜଳ ସଙ୍କଟ ଦୂରକରା ନ ଗଲେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ୧୩ ତାରିଖରେ ହେବାକୁ ଥିବା ମତଦାନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଗ୍ରାମବାସୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କୁ ଭୋଟ ବର୍ଜନ ସମ୍ପର୍କରେ ଜଣାଇଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କୁ ସେଠାକୁ ପଠାଯାଇ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝି କହିଛନ୍ତି।



ଅଭିଯୋଗ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଅଞ୍ଚଳବାସୀ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, କୁଲି ଗ୍ରାମ ନିକଟସ୍ଥ କର୍ଣ୍ଣପାଡୁଠାରେ ରହିଥିବା କ୍ଷୁଦ୍ର ଜଳସେଚନ କେନାଲ ମାଧ୍ୟମରେ ୨ ପାଣି ପଞ୍ଚାୟତ ଅଧୀନ ଗୁଆକଣା, ଗୌଡ଼ରେଙ୍ଗାଲପାଡୁ, ମଦନପୁର ଓ ଭୁଜବଳ ଗ୍ରାମରେ ବର୍ଷାଋତୁରେ ଜଳସେଚନ କରିଥାନ୍ତି । ତେବେ ଗତ ୧୫ବର୍ଷ ହେଲାଣି ଆବଶ୍ୟକ ପରିମାଣର ବର୍ଷା ନ ହେବା କାରଣରୁ କେନାଲରେ ପାଣି ଅଭାବ ରହୁଛି। ତେଣୁ ଅଞ୍ଚଳବାସୀ ଚାଷ କରିପାରୁନାହାନ୍ତି। ଚାଷ ନ ହୋଇ ମରୁଡ଼ି ପରିସ୍ଥିତି ରହିଲେ ମଧ୍ୟ ଚାଷୀ ପ୍ରତି ବର୍ଷ ଜଳକର ପୈଠ କରୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କଠାରୁ

**ପ୍ରଶାସନକୁ ଭୋଟ ବର୍ଜନ ଚେତାବନୀ ଦେଲେ ଅଞ୍ଚଳବାସୀ**

ଆରମ୍ଭକରି ନେତା, ମନ୍ତ୍ରୀ ସମସ୍ତଙ୍କୁ ସମସ୍ୟାର ସମାଧାନ ପାଇଁ ମଧ୍ୟ ଗୁହାରି କରିଥିବା ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ଏଭଳିକି ମନ୍ତ୍ରୀ ଜଗନ୍ନାଥ ସାରକା, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ମଧ୍ୟ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଅଭିଯୋଗ ପାଇବା ପରେ ପାଣ୍ଡିଆନ୍ ଘୋଡ଼ାନାଳ ଗଡ଼ଗଡ଼ିଆଠାରେ ଏକ ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ସହିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭାଗୀୟ ଯନ୍ତ୍ରୀ ଅଞ୍ଚଳ ପରିଦର୍ଶନରେ ଯାଇଥିଲେ। ହେଲେ ଏହାପରେ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ପାଣି ସମସ୍ୟାର କୌଣସି ସ୍ଥାୟୀ ସମାଧାନ କରା ନ ଯିବ ତେବେ ଆସନ୍ତା ୧୩ ତାରିଖରେ ସାଧାରଣ ନିର୍ବାଚନରେ ହେବାକୁ ଥିବା ମତଦାନରେ ବିଷମକଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫ଟି ବୁଥ୍‌ର ଅଞ୍ଚଳବାସୀ ମତଦାନ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏହି ଅଭିଯୋଗ ସମୟରେ ଉକ୍ତ ଅଞ୍ଚଳର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ନାବାଳକଙ୍କୁ ଶିଶୁ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର




ମାଲକାନଗିରି, ୬।୫(ଦୁର୍ଯ୍ୟୋଧନ ପାତ୍ର)

୨୦୨୦ରେ ମାଲକାନଗିରି ଜିଲା ଏମ୍‌ଭି ୨ ଗ୍ରାମର କୋଭିଡ୍‌ରେ ମୃତ୍ୟୁ ଘଟିଥିବା ଦମ୍ପତିଙ୍କ ଏକମାତ୍ର ପୁତ୍ର ଭରତ ଗୌରବ ଦୋରାଙ୍କୁ ଗତ ଦୁଇଦିନ ପୂର୍ବେ ଚାଇଲ୍ଡ ଲାଇନ ଉଦ୍ଧାର କରିଥିଲା। ଉକ୍ତ ନାବାଳକଙ୍କୁ ସୋମବାର ଶିଶୁ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରିଛି। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ ଏବଂ କମିଟି ସଦସ୍ୟମାନେ ତାଙ୍କୁ କାଉନସେଲିଂ କରି କୋରୁକୋଣ୍ଡାସ୍ଥିତ ଶିଶୁ ସୁରକ୍ଷା ସଂସ୍ଥାକୁ ହସ୍ତାନ୍ତର କରିଛନ୍ତି। ଭରତ ଗୌରବ ନିଜ ମାଉସୀ ଘରେ ରହି ପାଠ ପଢି ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ଫଳାଫଳ ପ୍ରକାଶ ପାଇଲା ପରେ ତାଙ୍କର ମାଲକାନଗିରି ଆଇଟିଆଇ ମହାବିଦ୍ୟାଳୟରେ ନାମଲେଖା ଯିବ ବୋଲି ପ୍ରଧାନ କହିଛନ୍ତି।

# ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ



ମାଲକାନଗିରି, ୬।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଲାଠିଆଗୁଡା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ମାନସ ମାଡକାମୀଙ୍କ ଉପସ୍ଥିତିରେ ବେଜାଙ୍ଗିବାଡା ଓ ଗମ୍ପାକୋଣ୍ଡା ଭାଜପାର ସକ୍ରିୟ କର୍ମକର୍ତ୍ତା ରଞ୍ଜନ ସିଲ ଓ ଅମ୍ରିତ ରାୟ ବିଜେଡିରେ ମିଶିଛନ୍ତି। କାଲିମେଲା ଜୋନ୍ ୩ ସଭାପତି ସୁବ୍ରତ ସିଲଙ୍କ ନେତୃତ୍ୱରେ ଏହି ଦୁଇଜଣ ଦଳରେ ସାମିଲ ହୋଇଛନ୍ତି ।

# କାଳବୈଶାଖୀରେ ଗଛ ପଡ଼ି ରାସ୍ତା ଅବରୋଧ

ପାରଳାଖେମୁଣ୍ଡି, ୬।୫(ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡି ସହରାଞ୍ଚଳରେ ସୋମବାର କାଳବୈଶାଖୀ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଓ ଘଡଘଡି ସାଙ୍ଗକୁ ପବନରେ ବହୁ ଗଛ ଉପୁଡ଼ି ଯାଇଛି । ସହରର ଦୋଳପୋଖରୀ ତଥା ମେଡିକାଲ ରୋଡ ସମେତ ଟ୍ରେଜେରି ନିକଟସ୍ଥ ଆଦି ସ୍ଥାନରେ ଗଛ ପଡିଛି । କାଳବୈଶାଖୀ ପ୍ରଭାବରେ ବହୁ ସ୍ଥାନରେ ଗଛ ପଡିବା ସହ ବିଦ୍ୟୁତ ଖୁଣ୍ଟ ଉପୁଡିବା ଏବଂ ଗଛ ପଡିବା ଯୋଗୁ ବିଦ୍ୟୁତ୍ ବିଭ୍ରାଟ ସୃଷ୍ଟି ହୋଇଛି । ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଅଞ୍ଚଳ ଅନ୍ଧକାର ମୟ ହୋଇଥିବା ବେଳେ ରାସ୍ତା ଉପରେ ପଡିଥିବା ଗଛଗୁଡିକୁ ହଟାଇବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଏହି ଅଦିନିଆ ବର୍ଷା ତଥା କାଳବୈଶାଖୀ ଯୋଗୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

# ବଜ୍ରପାତରେ ଗୋରୁଚରାଳି ମୃତ

ଧରାକୋଟ, ୬।୫(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଭରତପଲ୍ଲୀ ଗ୍ରାମରେ ସୋମବାର ବଜ୍ରପାତରେ ଗାଈ ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭରତପଲ୍ଲୀ ଗ୍ରାମର ରଞ୍ଜନ ଗୌଡ଼ (୩୯) । ବିଜୟ ଗୌଡ଼ ଓ ପୁଅ ରଞ୍ଜନ ଉଭୟେ ମିଶି ସବୁଦିନ ଭଳି ଗୋରୁ ଚରାଇବା ପାଇଁ ଗାଈପଲ ଧରି ସିଂଗିପୁର ଏବଂ ପାଟପୁର ଅଭିମୁଖେ ଯାଇଥିଲେ। ହଠାତ୍ ଅପରାହ୍ନରେ କାଳ ବୈଶାଖୀ ହୋଇଥିଲା। ଅଚାନକ ବଜ୍ରପାତରେ ସେଠାରେ ରଞ୍ଜନଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇଁ ଗ୍ରାମବାସୀ ତାଙ୍କୁ ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ଅଗ୍ନିକାଣ୍ଡରେ ୧୦ଲକ୍ଷ ଟଙ୍କାର ସାମଗ୍ରୀ ଜଳିଗଲା

ବ୍ରହ୍ମପୁର,୬।୫(ସୁବାସ ଚନ୍ଦ୍ର ପାଢ଼ୀ):

ଗୋସାଇଁନୂଆଗାଁ ସାମନ୍ତରାୟ ଏକାଡେମୀ ନିକଟରେ ଥିବା ଏକ ଗୋଦାମରେ ସୋମବାର ପୂର୍ବାହ୍ନରେ ଭୟାଭୟ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମରେ ଥିବା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଭୋଜି ଓ ଫାଷ୍ଟଫୁଡ଼ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି । ବ୍ରହ୍ମପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ସାମନ୍ତରାୟ ଏକାଡେମୀ ସମ୍ମୁଖରେ ଥିବା ଏକ ଘରେ ପି. ସତୀଶ ପାତ୍ର ଓ ତାଙ୍କ ଭାଇ ପି. ନାଗେଶ୍ୱର ପାତ୍ରଙ୍କ ଗୋଦାମରେ ଲକ୍ଷ ଲକ୍ଷ ଟଙ୍କାର ପ୍ଲାଷ୍ଟିକ, ଜରି ଓ ଖଲିପତ୍ର ପ୍ଲେଟ, ଗିନା, ଦନା, ଚାମଚ, ଟିସୁ ପେପର, ଟେବୁଲ ରୋଲ, ଗ୍ଲାସ ଆଦି ବିକ୍ରି ପାଇଁ ମହଜୁଦ ଥିଲା। ସୋମବାର ସକାଳେ ସତିଶ ଗୋଦାମକୁ ଯାଇ ୯ଟାରେ ଫେରିଥିଲେ। ଏହାର ପ୍ରାୟ ଘଣ୍ଟାକ ପରେ ଗୋଦାମରୁ ଧୂଆଁ ବାହାରୁଥିବା ସାମନ୍ତରାୟ ଏକାଡେମୀର କର୍ମଚାରୀ ଦେଖି ସତୀଶଙ୍କୁ ଖବର ଦେଇଥିଲେ। ସତୀଶ ସେଠାରେ ପହଞ୍ଚି ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ବହୁ ସାମଗ୍ରୀ ପୋଡ଼ି ସାରିଥିଲା । ସତୀଶ କହିଛନ୍ତି, ତାଙ୍କ ଗୋଦାମରୁ ଓଡ଼ିଶାର ବିଭିନ୍ନ ଜିଲାକୁ ଭୋଜି ସାମଗ୍ରୀ ଯୋଗାଣ ହେଉଥିଲା। ପ୍ରାୟ ସମସ୍ତ ସାମଗ୍ରୀ ଜଳି ପୋଡ଼ି ପାଉଁଶ ହୋଇଯାଇଛି।

# ପାଣି ପାଇଁ ବ୍ଲକ ଘେରିଲେ ମହିଳା

ଚିତ୍ରକୋଣ୍ଡା, ୬।୫(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କଲୋନୀରେ ଥିବା ବାଲିମେଳା ଡ୍ୟାମ ସିଲେରୁ ନଦୀ ଥିଲେ ସୁଦ୍ଧା ଉକ୍ତ ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ପାଣି ସମସ୍ୟା ଲାଗି ରହିଛି । ଚଳିତ ବର୍ଷ ପ୍ରଚଣ୍ଡ ଖରାରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୋମବାର ଚିତ୍ରକୋଣ୍ଡାର ମହିଳାମାନେ ଉତ୍କ୍ଷିପ୍ତ ହୋଇ ସକାଳ ୬ଟାରେ ପ୍ରଥମେ ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପାଣି ନ ମିଳିଲେ ଭୋଟ ବର୍ଜନ ଚେତବନୀ ଦେଇଥିଲେ। ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୁ ହଟିଥିଲେ।

ପୋଲିସ ପ୍ରଶାସନ ବୁଝାଶୁଝା କରି ପାଣି ଟ୍ୟାଙ୍କର ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ । ମାତ୍ର ମହିଳାମାନେ ପାଣି ନେଇ ନ ଥିଲେ। ଗୋଟିଏ ଦିନ ପାଇଁ ଟ୍ୟାଙ୍କର ଦେଇଦେଲେ କ'ଣ ସମସ୍ୟା ସମାଧାନ ହୋଇଯିବ ବୋଲି ପ୍ରତିବାଦ କରିଥିଲେ। ପରେ ରାସ୍ତା ଅବରୋଧରୁ ହଟି ଅଧିକ ସଂଖ୍ୟାରେ ମହିଳା ହାଣ୍ଡି ମାଠିଆ ଧରି ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ଆଗ ଗେଟରେ ତାଲା ପକାଇ ଘେରାଉ କରି ବସିଥିଲେ। ପାଣି ସମସ୍ୟା ସମାଧାନ କରିବାକୁ ଅଡ଼ିବସି ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ।

**ଭୋଟ ବର୍ଜନ ଚେତାବନୀ, ପ୍ରତିଶ୍ରୁତି ପରେ ହଟିଲେ**

ପ୍ରକାଶ ଯେ, ଚିତ୍ରକୋଣ୍ଡା ଜନ ସାଧାରଣଙ୍କର ବର୍ଷସାରା ପାଣି ସମସ୍ୟା ଲାଗି ରହିଛି। ବାରମ୍ବାର ଜିଲା ପ୍ରଶାସନ ତଥା ନେତା ମନ୍ତ୍ରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଆଜି ସୁଦ୍ଧା ଏହାର ସମାଧାନ ହୋଇ ପାରୁନି । ଚିତ୍ରକୋଣ୍ଡାରେ ପାଣି ସମସ୍ୟା ନ ସୁଧୁରିଲେ ମହିଳାମାନେ ଆନ୍ଦୋଳନରୁ ହଟିବେନି ବୋଲି ଜିଦ ଧରି ବସିଥିଲେ। ଏହି ସମୟରେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ଭତ୍ରା, ଜିପିଓ ହେମନ୍ତ କୁମାର ଭୂୟାଁ ଓ ଥାନା ଅଧିକାରୀ ମୁକୁନ୍ଦ ମେଲେକା ମହିଳାମାନଙ୍କୁ ବୁଝାଶୁଝା କରିବା ସହ ଜିଲା ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନା କରି ଜରୁରିକାଳୀନ ଭିତ୍ତିରେ ୧୦ ଟି ବୋରିଂ ଖୋଳି ପାଣି ସୋଲାର ବସାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ବ୍ଲକ ଆଗରୁ ହଟିଥିଲେ । ଖବର ପ୍ରସାରିତ ହେବା ପରେ ଅପରାହ୍ନରେ ଆରଡବ୍ଲ୍ୟୁଏସ୍ଏସ୍ କର୍ମଚାରୀମାନେ ଚିତ୍ରକୋଣ୍ଡା ଆସି ମେଗା ପାଣି ପମ୍ପ ଚାଲୁକରି ଜଳ ଯୋଗାଇବା ସହ ଚିତ୍ରକୋଣ୍ଡା ସହର ତଥା କଲୋନୀରେ ବୋରିଂ ଖୋଳିବା ଆରମ୍ଭ କରିଛନ୍ତି।



ପାଣି ନ ମିଳିବାରୁ ସୋମବାର ଚିତ୍ରକୋଣ୍ଡା ବ୍ଲକ ଗେଟ୍‌ରେ ତାଲା ପକାଇ ମହିଳାମାନେ ଗରା ଓ ବାଲ୍ଟି ଧରି ପ୍ରତିବାଦ କରୁଛନ୍ତି ।

